# ପାଠ-୧୫-ଗଳ୍ପ : ବୁଢା ଶଙ୍ଖାରି

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

## ଶ୍ରେଣୀ – ନବମ

## ଦ୍ୱିତୀୟ ଦିନ



Website: www.odmegroup.org
Email: info@odmps.org

Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

ମଣିଷ ପ୍ରତି ସମ୍ବେଦନଶୀଳତା ଓ ଗଭୀର ଆପଣାପଣ 'ବୁଢା ଶଙ୍ଖାରୀ' ଗଳ୍ପରେ ବର୍ଣ୍ଣିତ ।

**General Objectives –** (ସାଧାରଣ ଆଭିମୁଖ୍ୟ) – ରକ୍ତର ସଂପର୍କ ନ ଥାଇ ମଧ୍ୟ କିପରି ଅନାବିଳ ବାତ୍ସଲ୍ୟ ପ୍ରେମର ମହାନତା ପ୍ରଦର୍ଶନ କରାଯାଇଛି ତାହା ହିଁ ଉକ୍ତ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଦିଗ୍‌ଦର୍ଶନ ଦିଆଯାଇଛି ।

**Specific Objectives -** ବିଶେଷ ଆଭିମୁଖ୍ୟ : ପଲ୍ଲୀର ଦୃଶ୍ୟ, ବିଭିନ୍ନ ଚରିତ୍ର ମାଧ୍ୟମରେ ଲୋକ ମୁଖର ଭାଷା, ଦେଶୀୟ ଶବ୍ଦ ଏବଂ ଗାଉଁଲୀ ବେଶଭୂଷା । ଚାଳଛପର ଘର ମାଧ୍ୟମରେ ମାଟି ମାଆ ପ୍ରତି ଅନାବିଳ ଆକର୍ଷଣ ଉକ୍ତ ଗଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନେ ଅବଗତ ହୋଇପାରିବେ ।

ODM EDUCATIONAL GROUP
Changing your Tomorrow

**Expected Learning Outcome**

୧. ରକ୍ତର ସଂପର୍କ ନଥାଇ ମଧ୍ୟ ସଂପର୍କ ଗଠନ ହୋଇପାରେ ।

୨. ସଂପର୍କ ଗଠନ ପାଇଁ ଗରିବ କିମ୍ବା ଧନୀର ଭେଦଭାବ ନଥାଏ ।

୩. ବୋହୂ ସାଆନ୍ତାଣିର ଭଲପାଇବା ଏବଂ ଶ୍ରଦ୍ଧା ଦ୍ୱାରା ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବା ।

୪. କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ସାହିତ୍ୟ ସୃଷ୍ଟି ସଂପର୍କରେ ଅବଗତ ହେବା ।

ODM EDUCATIONAL GROUP
Changing your Tomorrow

**ପୂର୍ବପାଠର ଆଲୋଚନା –**

୧. ବୁଢାଶଙ୍ଖାରୀ ଗଳ୍ପର ଗାଳ୍ପିକ କିଏ ?

୨. ଓଡିଆ ସାହିତ୍ୟରେ କାନ୍ତକବି କାହାକୁ କୁହାଯାଏ ?

୩. 'ବନ୍ଦେ ଉତ୍କଳ ଜନନୀ' ଜାତୀୟ ଗୀତିକାର ସ୍ରଷ୍ଟା କିଏ ?

୪. ତାଙ୍କୁ କାହିଁକି କାନ୍ତକବି କୁହାଯାଏ ?

ODM EDUCATIONAL GROUP
Changing your Tomorrow

ପ୍ରାୟ ଫଗୁଣ ମାସ ..............................ଆସ୍ ମାନ୍ ତାରା ତିଆରି କରି ଆଣିଦେବି ।

ବୁଢା ଶଙ୍ଖା ନେଇ ଗାଁ ଦାଣ୍ଡରେ ବିକିବା ।

ଜମିଦାର ଘରର ଦୃଶ୍ୟ, ବୋହୂ ସାଆନ୍ତାଣୀର ବେଶଭୂଷା, କଥୋପକଥନ

ODM EDUCATIONAL GROUP
Changing your Tomorrow

ବୋହୂକୁ ଦେଖି ............................ମା' କେଡେ ଖୁସି ହବ ।

ଶଙ୍ଖାରି ବୁଢା ପ୍ରଥମେ ବୋହୂ ହାତରେ ଶଙ୍ଖା  ନ ପିନ୍ଧାଇ ପାରିବାର ଭରସା ବା ମନର ବ୍ୟାକୁଳତା

ବୋହୂର ହାତ ଦେଖି ବୁଢା ଶଙ୍ଖାରି ମନର ପ୍ରତିକ୍ରିୟା ।

ବିଭିନ୍ନ ଚରିତ୍ର ଗୁଡିକୁ ପିଲାମାନେ ଅଭିନୟ କରିବେ ।

ODM EDUCATIONAL GROUP
Changing your Tomorrow

**ଗାଳ୍ପିକ ପରିଚୟ-**

ଲକ୍ଷ୍ମୀକାନ୍ତଙ୍କ କବିତାଗୁଡ଼ିକ କାନ୍ତକୋମଳ ପଦାବଳୀରେ ବିଭୂଷିତ ହୋଇଥିବାରୁ ତାଙ୍କୁ ଯଥାର୍ଥରେ 'କାନ୍ତକବି' ବୋଲି ସମ୍ବୋଧନ କରାଯାଇଛି। ବ୍ୟଙ୍ଗ ବିଦ୍ରୂପ ମଧ୍ୟରେ ପାଠକ ମନରେ ବିମଳ ହାସ୍ୟ ସଞ୍ଚାର କରିବା ସହିତ ସମାଜ ସଂସ୍କାର ଭାବନା ତାଙ୍କ ସୃଷ୍ଟିର ମୁଖ୍ୟ ବିଭବ। କଥା ସାହିତ୍ୟ ଓ କାବ୍ୟକବିତା କ୍ଷେତ୍ରରେ ତାଙ୍କର ସିଦ୍ଧି କାଳଜୟୀ। 'ଜୀବନ ସଙ୍ଗୀତ', 'ଜାତୀୟ ସଙ୍ଗୀତ', 'କଲ୍ଲୋଳ', 'ଚଟକ ଚନ୍ଦ୍ରହାସ ଚମ୍ପୂ' ତଥା ବିବିଧ କବିତା ମଧ୍ୟରେ ଲକ୍ଷ୍ମୀକାନ୍ତଙ୍କ କବିପ୍ରତିଭାର ସ୍ୱାକ୍ଷର ନିହିତ। 'କଣାମାମୁ' ଉପନ୍ୟାସ ଓ 'ବୁଢ଼ା ଶଙ୍ଖାରି' ଗଳ୍ପ କାନ୍ତକବିଙ୍କର ଅମ୍ଳାନ ସୃଷ୍ଟି। ହାସ୍ୟମଧୁର ବେଦନାର ଜୀବନ୍ତ ରୂପାୟନ ତାଙ୍କର କ୍ଷୁଦ୍ରଗଳ୍ପ। 'ବନ୍ଦେ ଉତ୍କଳ ଜନନୀ' ଜାତୀୟ ଗୀତିକାର ସେ ସ୍ମରଣୀୟ ସ୍ରଷ୍ଟା।

ରକ୍ତର ସମ୍ପର୍କ ନ ଥାଇ ମଧ୍ୟ କିପରି ଅନାବିଳ ବାତ୍ସଲ୍ୟ ପ୍ରେମର ମହାନତା ପ୍ରଦର୍ଶନ କରାଯାଇଛି, ତାହା ହିଁ ଉକ୍ତ ଗଳ୍ପର ବସ୍ତୁ।

ODM EDUCATIONAL GROUP
Changing your Tomorrow

ଏହି ସମୟରେ ସେ ଘରର ସାଆନ୍ତାଣୀ ସେଠାରେ ଆସି ପହଞ୍ଚିଲେ । ଶାଶୂଙ୍କୁ ଦେଖି ବୋହୂଟି ଓଢ଼ଣା ଟାଣି ଦେଇ ପଳାଇଲା । ଶାଶୂ ଦାସୀକୁ ପଚାରିଲେ, "କିଲୋ, ଶଙ୍ଖା କିଣୁଥିଲ କି ?" ଦାସୀ କହିଲା, "ହଁ, ବୋହୂସାଆନ୍ତାଣୀ ଏହି ମୁଠାକ ନେବେ ବୋଲି କହୁଛନ୍ତି ।"

ଦାସୀ ହସି ହସି କହିଲା, "ସେଇ ପିଲାଟି ବୋହୂସାଆନ୍ତାଣୀଙ୍କ ପୁଅ ହୋଇଛି ।"

ଶାଶୂ ବି ହସିଲେ । କହିଲେ, "ଆଚ୍ଛା, ଏଥର ଦାମ୍ ନେଇଥାଅ ଆରଥରକୁ ପଛେ ଖାଲି ଦେଇଯିବ । ତମେ ଗରିବ ଲୋକ..."

ବୁଢ଼ା – "ନା, ନା, ମୋ ମା'କୁ ମୁଁ ତ ଦେଇଛି; ମୁଁ ଆଉ ଦାମ୍ ନେବି ନାହିଁ । ଶଙ୍ଖା ମୁଠାକ ଲାଗି ମୁଁ ଗରିବ ହୋଇଯିବି ନାହିଁ ।

ଏହା କହି ଶଙ୍ଖାରି ଶଙ୍ଖାମୁଠାକ ରଖିଦେଇ ବୋଝଟି ଧରି ଏକାବେଳକେ ଚାଲିଗଲା । ଆଉ ଡାକିଲେ ଶୁଣିଲା ନାହିଁ । ଦାସୀ ପଛରେ ଗୋଡ଼ାଇ ଗଲା; କିନ୍ତୁ ସେ ଆଉ ଫେରି ଚାହିଁଲା ନାହିଁ ।

ODM EDUCATIONAL GROUP
Changing your Tomorrow

ସେହିଦିନଠୁଁ ସେ ବୁଢ଼ା ଶଙ୍ଖାରି ଦୁଇଦିନେ ତିନିଦିନେ ସେ ଗାଁକୁ ଆସେ ! ଶଙ୍ଖାଟା କ'ଣ ଗୋଟାଏ ନିତ୍ୟାନି ଦରବ ଯେ, ଲୋକେ ରୋଜ କିଣିବେ । ଅକାଳେ ସକାଳେ ପୁନେଇଁ ପରବରେ ସିନା କିଏ ନୂଆ ଶଙ୍ଖା ଖୋଜେ ! ବୁଢ଼ାଟା ଖାଲି ଘର ଘର ବୁଲି ଫେରିଯାଏ, କିନ୍ତୁ ଶଙ୍ଖା ବିକ୍ରି ତ ବୁଢ଼ାର ଉଦ୍ଦେଶ୍ୟ ନୁହେଁ । ସିଏ ଆସେ ତା'ର ସେହି ନିଜ ମା'ଟିକୁ ଦେଖିବା ପାଇଁ ।

ODM EDUCATIONAL GROUP
Changing your Tomorrow



ODM EDUCATIONAL GROUP
Changing your Tomorrow

କେଉଁଦିନ ଆସେ, କାହାରିକୁ ନ କହି ଦୁଆରଯାକେ ଚାଲିଆସେ । ବୋଝ ରଖିବାକୁ ହୁଏ ନାହିଁ, ଖାଲି ପାଟି କରି ଡାକିଦିଏ, "ନୂଆ ଶଙ୍ଖା ନବ ?" ତା' ପାଟି ଶୁଣିଲା କ୍ଷଣି ବୋହୂଟି କୁଆଡ଼େ ଥାଏ, ଆସି ଦୁଆର ପାଖରେ ଟିକିଏ ଛିଡ଼ା ହୁଏ । ବୁଢ଼ାଟି ଟିକିଏ ଅନାଏ; ଚାହିଁ ଦେଲାକ୍ଷଣି ବୁଢ଼ାର ମନ ପୂରି ଉଠେ । ପଚାରେ, "ମା, ଆଉ ଶଙ୍ଖା ନବୁ ?" ବୁଢ଼ାର ଇଚ୍ଛା କାଳେ ନବାକୁ କହିବ, ତାହାହେଲେ ତା ମା'ର ଚମ୍ପାଫୁଲିଆ ସୁନ୍ଦର ହାତଟିରେ ସେ ଶଙ୍ଖା କଛି ଦେବ; କିନ୍ତୁ ବୋହୂଟି ମୁଣ୍ଡ ହଲାଇ ଦିଏ । ବୁଢ଼ା ଫେରି ଚାଲିଯାଏ ।

ODM EDUCATIONAL GROUP
Changing your Tomorrow

ଚାଲିଆସେ । ବୋଝ ରଖିବାକୁ ହୁଏ ନାହିଁ, ଖାଲି ପାଟି କରି ଡାକିଦିଏ, "ନୂଆ ଶଙ୍ଖା ନବ ?" ତା' ପାଟି ଶୁଣିଲା କ୍ଷଣି ବୋହୂଟି କୁଆଡ଼େ ଥାଏ, ଆସି ଦୁଆର ପାଖରେ ଟିକିଏ ଛିଡ଼ା ହୁଏ । ବୁଢ଼ାଟି ଟିକିଏ ଅନାଏ; ଚାହିଁ ଦେଲାକ୍ଷଣି ବୁଢ଼ାର ମନ ପୂରି ଉଠେ । ପଚାରେ, "ମା, ଆଉ ଶଙ୍ଖା ନବୁ ?" ବୁଢ଼ାର ଇଚ୍ଛା କାଳେ ନବାକୁ କହିବ, ତାହାହେଲେ ତା ମା'ର ଚମ୍ପାଫୁଲିଆ ସୁନ୍ଦର ହାତଟିରେ ସେ ଶଙ୍ଖା କଛି ଦେବ; କିନ୍ତୁ ବୋହୂଟି ମୁଣ୍ଡ ହଲାଇ ଦିଏ । ବୁଢ଼ା ଫେରି ଚାଲିଯାଏ ।

ODM EDUCATIONAL GROUP
Changing your Tomorrow




ODM EDUCATIONAL GROUP
Changing your Tomorrow

ରଜ ଆଗ ଦିନ ପହିଲି ରଜ । ଆଜି ଝିଅ–ବୋହୂଏ ନୂଆ ଶଙ୍ଖା, ନୂଆଶାଢ଼ି ପିନ୍ଧନ୍ତି । ରାତିସାରା ବୁଢ଼ାର ନିଦ ନାହିଁ । ସକାଳୁ ଉଠି ବୁଢ଼ା ଭାବିଲା, "ମୁଁ ତ ଚାଲିପାରୁନାହିଁ, କ'ଣ କରିବି । ଆଉ କିଏ ନେଇଗଲେ ତ ହେବ ନାହିଁ । ମା' କୁ ଢେରଦିନୁ ଦେଖି ନାହିଁ । ସତେ କ'ଣ ଏଥିରୁ ବଞ୍ଚିବି ଯେ – ଥରେ ଦେଖି ଆସେ । ଆଉ ମା'ର ସେହି ହାତରେ ଶଙ୍ଖା କଛି ଦେବି ।" ମା'ର ହାତଟି ମନେ ପଡ଼ିଗଲାକ୍ଷଣି ବୁଢ଼ାର ଗଦାଏ ବଳ ଆସିଲା । ବୁଢ଼ା ସଅଳ ସଅଳ ମୁଠାଏ ଖାଇଦେଇ ଶଙ୍ଖାମୁଠିକ ଗାମୁଛାରେ ବାନ୍ଧି ବାହରିଲା । ଅତି କଷ୍ଟରେ ଭଡ଼ାଏ ଭଡ଼ାଏ ପାଦ ପକାଇ ଚାଲୁଥାଏ । ପାଞ୍ଚକୋଶ ବାଟ ପହୁଞ୍ଚିଲା ବେଳକୁ ବେଳ ଗଡ଼ିଗଲାଣି ।

ODM
EDUCATIONAL GROUP
Changing your Tomorrow

## ଗୃହକର୍ମ :

ଗଳ୍ପଟିକୁ ପଢ଼ିବେ ।

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

ODM
EDUCATIONAL GROUP
Changing your Tomorrow